ପ୍ରମେୟ
THE PRAMEYA

Prameya

## କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଲେ ଡ. ଗାୟତ୍ରୀବାଳା ପଣ୍ଡା

# ଏ ପୁରସ୍କାର ମତେ ଉତ୍ସାହିତ କରିବ

- ଯୁବ ଓ ମୁଖ୍ୟ ବର୍ଗରେ ପାଇବାରେ ପ୍ରଥମ ଭାରତୀୟ କବି
- କବିତା ପୁସ୍ତକ 'ଦୟାନଦୀ' ପାଇଁ ମନୋନୀତ ହୋଇଥିଲେ
- ୨୦୧୧ରେ କବିତା ସଂକଳନ 'ଗାଁ' ପାଇଁ ଯୁବ ପୁରସ୍କାର ପାଇଥିଲେ

ନୂଆଦିଲ୍ଲୀ/ଭୁବନେଶ୍ୱର,୧୧।୩(ସ୍ୱପ୍ର/ବ୍ୟୁରୋ): ବିଶିଷ୍ଟ ଓଡ଼ିଆ ଲେଖିକା ତଥା କବି ଡ. ଗାୟତ୍ରୀବାଳା ପଣ୍ଡାଙ୍କୁ ମିଳିଛି ୨୦୨୨ ବର୍ଷ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର। ଓଡ଼ିଆ ଭାଷାରେ କବିତା ପୁସ୍ତକ 'ଦୟାନଦୀ' ପାଇଁ ସେ ଏହି ପୁରସ୍କାର ପାଇଛନ୍ତି। ଶନିବାର ନୂଆଦିଲ୍ଲୀର କମାନୀ ପ୍ରେକ୍ଷାଳୟରେ ଏକାଡେମୀ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ବର୍ଣ୍ଣାଢ୍ୟ ଉତ୍ସବରେ ଏକାଡେମୀର ନବନିର୍ବାଚିତ ସଭାପତି ମାଧବ କୌଶିକଙ୍କଠାରୁ ଡ. ପଣ୍ଡା ଏହି ପୁରସ୍କାର ଗ୍ରହଣ କରିଛନ୍ତି। ପୁରସ୍କାର ସ୍ୱରୂପ ତାମ୍ରଫଳକ, ଶାଲ୍ ଏବଂ ୧ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ଶନିବାର ବିଭିନ୍ନ ଭାରତୀୟ ଭାଷାରେ ୨୪ଜଣ ସାହିତ୍ୟିକଙ୍କୁ ପୁରସ୍କୃତ କରାଯାଇଛି। ୨୦୨୨ ମସିହା ଡିସେମ୍ବର ୨୨ ତାରିଖରେ ଏହି ପୁରସ୍କାର ଘୋଷଣା ହୋଇଥିଲା।

ପୁରସ୍କାର ପାଇବା ଅବସରରେ ଡ. ପଣ୍ଡା କହିଛନ୍ତି, 'ମୁଁ ଏହି ପୁରସ୍କାର ପାଇଥିବାରୁ ବହୁତ ଖୁସି ଅନୁଭବ କରୁଛି। ଆଜିର ଦିନରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଥିଲା। ଆଜି ହେଉଛି ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ। ତେଣୁ ଏଭଳି ଏକ ଦିନରେ ମତେ ପୁରସ୍କାର ମିଳିଥିବାରୁ ଏହା ଆଗକୁ ଅଧିକ ଲେଖିବା ପାଇଁ ଉତ୍ସାହିତ କରିବ'।

ପୂର୍ବରୁ ଡ. ପଣ୍ଡା କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇଥିଲେ। ଏବେ ସେ ତାଙ୍କର କବିତା ପୁସ୍ତକ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି। କେନ୍ଦ୍ର ସାହିତ୍ୟ ଏକାଡେମୀର ଦୁଇଟି ବର୍ଗରେ ପୁରସ୍କାର ପାଇବାରେ ଡ. ପଣ୍ଡା ପ୍ରଥମ ଭାରତୀୟ କବିର ମାନ୍ୟତା ପାଇଛନ୍ତି। ପୁରସ୍କାର ଉତ୍ସବ ମଞ୍ଚରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଇଣ୍ଡୋ-ଇଂରାଜୀ ଲେଖକ ଉପମନ୍ୟୁ ଚାଟାର୍ଜୀ, କେନ୍ଦ୍ର ସାହିତ୍ୟ ଏକାଡେମୀ ସଚିବ କେ. ଶ୍ରୀନିବାସ ରାଓ ଓ ଏକାଡେମୀର ଉପସଭାପତି ବିଶିଷ୍ଟ



ଏକାଡେମୀର ସଭାପତି ମାଧବ କୌଶିକଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଡ. ଗାୟତ୍ରୀବାଳା ପଣ୍ଡା

ସାହିତ୍ୟିକା କୁମୁଦ ଶର୍ମା ଉପସ୍ଥିତ ଥିଲେ।

୨୦୧୭ ମସିହାରେ ପକ୍ଷୀଘର ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ 'ଦୟାନଦୀ' କଳିଙ୍ଗ ଯୁଦ୍ଧ ଉପରେ ଆଧାରିତ। ଏଥିରେ ଉତ୍ସର୍ଗ ଓ ପରିଶିଷ୍ଟକୁ ମିଶେଇ ୬୪ଟି କବିତା ରହିଛି। ରାଜକମଲ ପ୍ରକାଶନୀ ଦ୍ୱାରା ଏହାର ପ୍ରଥମ ସଂସ୍କରଣ ପ୍ରକାଶ ପାଇଥିଲା। ନିକଟରେ ବିଶ୍ୱ ପୁସ୍ତକ ମେଳାରେ ଏହି କବିତା ସଙ୍କଳନର ଦ୍ୱିତୀୟ ହିନ୍ଦୀ ସଂସ୍କରଣ ପ୍ରକାଶ ପାଇଛି। ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ କାଳ କବିତା, ଗପ, ଉପନ୍ୟାସ, ପ୍ରବନ୍ଧ ଓ ଖବରକାଗଜରେ ସ୍ତମ୍ଭ ରଚନା କରି ଯଥେଷ୍ଟ ପାଠକୀୟ ସ୍ୱୀକୃତି ହାସଲ କରିଥିବା କବି ଡ. ପଣ୍ଡାଙ୍କର ଅଦ୍ୟାବଧି ୨୮ଖଣ୍ଡ ପୁସ୍ତକ ପ୍ରକାଶ ପାଇଛି। ସେଥିମଧ୍ୟରୁ ଓଡ଼ିଆ ଭାଷାରେ ୧୨ଟି କବିତା ସଂକଳନ, ଦୁଇଟି ଗଳ୍ପ ସଂକଳନ, ଦୁଇଟି ଉପନ୍ୟାସ ଏବଂ ଗୋଟିଏ ପ୍ରବନ୍ଧ ସଂକଳନ। ଏହା ବ୍ୟତିତ ହିନ୍ଦୀ ଭାଷାରେ ୫ଟି କବିତା ସଂକଳନ ଓ ଇଂରାଜୀ ଭାଷାରେ ୨ଟି କବିତା ସଂକଳନ, ଗୋଟିଏ ଗଳ୍ପ ସଂକଳନ ପ୍ରକାଶ ପାଇଛି।

କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବା ପୂର୍ବରୁ ଡ. ପଣ୍ଡା ୨୦୧୧ରେ କବିତା ସଂକଳନ 'ଗାଁ' ପାଇଁ ପ୍ରଥମେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇଥିଲେ। ସେ ରାଜ୍ୟ ଯୁବ ପୁରସ୍କାର, ରାଜୀବ ଗାନ୍ଧୀ ସଦ୍‌ଭାବନା ପୁରସ୍କାର, ଉତ୍କଳ ସାହିତ୍ୟ ସମାଜ ଯୁବ ସାହିତ୍ୟିକ ସମ୍ମାନ, ଶାରଳା କାବ୍ୟ ସମ୍ମାନ, କାଦମ୍ବିନୀ କବିତା ସମ୍ମାନ, ଫକୀର ମୋହନ ସାହିତ୍ୟ ସମ୍ମାନ, ବସନ୍ତ ମୁଦୁଲି କବିତା ସମ୍ମାନ, ମହୁକ ଯୁବ କବି ସମ୍ମାନ, ଲେଖାଲେଖି ଯୁବ କବି ସମ୍ମାନ, ଟାଇମ୍ ପାସ୍ ସ୍ୱୟଂଶ୍ରୀ ସମ୍ମାନ, ଦୀପକ ମିଶ୍ର କବିତା ସମ୍ମାନ, 'ରାଇଟର୍ସ-ଇନ୍-ରେସିଡେନ୍ସ' ଆଟ୍ ରାଷ୍ଟ୍ରପତି ଭବନ-୨୦୧୫, ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ଉପରେ ରଚିତ ପ୍ରବନ୍ଧ ପାଇଁ ପୁରସ୍କୃତ ହେବା ସହିତ ସତ୍ୟବାଦୀ ସାହିତ୍ୟ ସମ୍ମାନ, ରାଜକନ୍ୟା ରତ୍ନମାଳୀ ଜେମା ସାରସ୍ୱତ ସମ୍ମାନ, ଅର୍ଘ୍ୟ ସମ୍ମାନ, କଳିଙ୍ଗ ବୀରାଙ୍ଗନା ସମ୍ମାନ, ଆଇଆଇଏମ୍‌ସି ଆଲୁମିନି ସମ୍ମାନ, ଟାଇମ୍ସ ପାୱାର ୱିମେନ୍ ସମ୍ମାନ ଓ ଅକ୍ଷୟ ସାହିତ୍ୟ ସମ୍ମାନ ଭଳି ବହୁ ପୁରସ୍କାର ଓ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରୁ ସେ ପାଠାଗାର ବିଜ୍ଞାନରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ସେହିପରି ଢେଙ୍କାନାଳ ଭାରତୀୟ ଜନସଞ୍ଚାର ସଂସ୍ଥାନରୁ ସାମ୍ବାଦିକତା ଓ ଗଣମାଧ୍ୟମରେ ଡିପ୍ଲୋମା ଏବଂ ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ସାମ୍ବାଦିକତା ପାଠ୍ୟକ୍ରମରେ ଶ୍ରେଷ୍ଠସ୍ଥାନ ଅଧିକାର କରି ପବ୍ଲିକ ରିଲେସନ୍ ସୋସାଇଟି ଅଫ୍ ଇଣ୍ଡିଆରୁ ମଧ୍ୟ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି।

# 'କଳିଙ୍ଗ ଯୁଦ୍ଧର ଏକମାତ୍ର ସାକ୍ଷୀ ଦୟାନଦୀ'

ପୁରସ୍କାର ପାଇବା ଅବସରରେ ଡ. ପଣ୍ଡା କହିଛନ୍ତି, 'ମୁଁ ଏହି ପୁରସ୍କାର ପାଇଥିବାରୁ ବହୁତ ଖୁସି ଅନୁଭବ କରୁଛି। ଆଜିର ଦିନରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଥିଲା। ଆଜି ହେଉଛି ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ। ତେଣୁ ଏଭଳି ଏକ ଦିନରେ ମତେ ପୁରସ୍କାର ମିଳିଥିବାରୁ ଏହା ଆଗକୁ ଅଧିକ ଲେଖିବା ପାଇଁ ଉତ୍ସାହିତ କରିବ'।

ଏଥିସହ ଏହି ଅବସରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ହୋଇଛି ୬ଦିନିଆ ସାହିତ୍ୟ ଉତ୍ସବ 'ଫେଷ୍ଟିଭାଲ୍ ଅଫ୍ ଲେଟର୍'। ଏଥିରେ ଗଣମାଧ୍ୟମ ସହ ପୁରସ୍କାର ବିଜେତାଙ୍କ ଆଲୋଚନାକାଳରେ ଡ. ପଣ୍ଡା ତାଙ୍କର କବିତା ସଂକଳନ 'ଦୟାନଦୀ' ପୁସ୍ତକ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। 'ଦୟାନଦୀ'ର କବିତା ସବୁ ଇତିହାସର କୌଣସି ତାତ୍ତ୍ୱିକ ଆଲୋଚନା ବା



କାବ୍ୟରୂପ ନୁହେଁ ଏହା ଇତିହାସ ନଦୀରେ ନୌଯାତ୍ରାର କାବ୍ୟିକ ସମ୍ବେଦନା। କଳିଙ୍ଗ ଯୁଦ୍ଧର ଏକମାତ୍ର ସାକ୍ଷୀ ଦୟାନଦୀ ଏବେ ବି ରହିଛି। ଏହା ଶାନ୍ତି, ପ୍ରୀତି ଓ ମୈତ୍ରୀର ଜୟଗାନ କରୁଛି ବୋଲି କହିଛନ୍ତି ଡ. ପଣ୍ଡା କହିଛନ୍ତି।

ସାହିତ୍ୟ ଉତ୍ସବ ପ୍ରଥମ ଦିନର କାର୍ଯ୍ୟକ୍ରମରେ ମଧ୍ୟ କବିତା ପାଠ ଓ କ୍ଷୁଦ୍ରଗଳ୍ପ ପାଠ ଆୟୋଜନ କରାଯାଇଥିଲା। ଓଡ଼ିଆ କବିତା ପାଠରେ ପ୍ରବୀଣ କବି ଓ ଗୀତାରାଣୀ ନାୟକ ଭାଗ ନେଇଥିବାବେଳେ ଓଡ଼ିଆ ଭାଷାରେ କ୍ଷୁଦ୍ରଗଳ୍ପ ପଢ଼ି ଶୁଣାଇଥିଲେ ଇତି ସାମନ୍ତ।